# Akashvani, Sambalpur

# SAMBALPURI NEWS BULLETIN

## 18 October 2024- 6.47- 6.52 am.

***********************************************

ଜାତୀୟ ଶିକ୍ଷାନୀତି- ଟାସ୍କଫୋର୍ସ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଜାତୀୟ ଶିକ୍ଷାନୀତି - ୨୦୨୦ କାର୍ଯ୍ୟକାରୀ କର୍‌ବାର୍ ଲାଗି ଟାସ୍କଫୋର୍ସର ପୁର୍ନଗଠନ୍ କରାଯାଇଛେ । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ରାଜ୍ୟ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ଶାସନ୍ ସଚିବ କମିଟିର୍ ଅଧ୍ୟକ୍ଷ ରହିଛନ୍ । ବିଜ୍ଞପ୍ତି ଅନ୍‌ସାରେ ସ୍କୁଲ୍ ଆଉ ଗଣଶିକ୍ଷା ସଚିବ ଇଥି ଏକ୍ସଅଫିସିଓ ସଦସ୍ୟ ରହିଛନ୍ । ଇତାର୍‌ସହେତେ ଏସ୍‌ଟି, ଏସ୍‌ସି ଉନ୍ନୟନ୍ ବିଭାଗ୍, ପଂଚାୟତିରାଜ୍ ଆଉ ପାନୀୟଜଳ ବିଭାଗ୍ ଅର୍ଥ ବିଭାଗ୍ ମହିଳା ଆଉ ଶିଶୁବିକାଶ୍ ବିଭାଗ୍, ଦକ୍ଷତା ବିଭାଗ୍, କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ପ୍ରମୁଖ ସଚିବ ଭିଲ୍ ରହିଛନ୍ । ଇ ସବ୍‌କମିଟି ଜାତୀୟ ଶିକ୍ଷାନୀତିକେ କାର୍ଯ୍ୟକାରୀ କର୍‌ବାର୍‌ଥି ଡ୍ରାଫ୍‌ଟ ପଲିସି

ପ୍ରସ୍ତୁତ୍ କର୍‌ବାର୍ ଦିଗେ କାମ୍ କର୍‌ବା । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅତିରିକ୍ତ ସଚିବ ଟାସ୍କଫୋର୍ସର ଆବାହକ ସଦସ୍ୟ ରହିଛନ୍ । ସେନ୍ତା ଆଘୋନୁ ଥିବା ୬ ଟା ସବ୍‌କମିଟିକେ ପୁନର୍ଗଠନ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୧ ଆର୍ ୨୮ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ଥିବା ଅଭିଯୋଗ୍ ପ୍ରକୋଷ୍ଠ ନ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇ ଦୁହି ଦିନ ଅଭିଯୋଗ୍ ଶୁଣାଣି ଲାଗି ଆଏଜ୍ ଦିନର୍ ୧୧ ବଜେନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଫି’ ଅଭିଯୋଗ୍ ଶୁଣାଣି ଦିନର୍ ଲାଗି ହଜାରେ ଲୋକ୍ ପଞ୍ଜିକରଣ୍ କରିପାର୍‌ବେ । ଲୁକେ ଜନଶୁଣଶଣି ପୋର୍ଟାଲ୍ ନାଇଁହେଲେ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଓଏଏସ୍ ସ୍ତରଥି ଅଦଲ୍‌ବଦଲ          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ଓଡ଼ିଶା ପ୍ରଶାସନିକ ସେବା- ଓଏଏସ୍ ସ୍ତରଥି ଗୁଟେ ବଡ଼ଧରଣ୍‌ର ଅଦଲ୍‌ବଦଲ୍ କରିଛନ୍ । ଇ ବାବ୍‌ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ଆଉ ବ୍ଲକ୍ ନ କାମ୍ କରୁଥିବା ଶହେ ୧୮ ଝନ୍ ଓଏଏସ୍ ଅଫିସର୍‌ଙ୍କର୍ ବଦ୍‌ଲି କରାଯାଇଛେ । ବଦ୍‌ଲି ହେଇଥିବା ଅଧିକାରୀମାନ୍‌କର୍ ଭିତ୍‌ରେ ବଡ଼ଭାଗୀ ତହସିଲ୍‌ଦାର୍, ଡେପୁଟି କଲେକ୍ଟର୍ ରହିଥିବାର୍ ବେଲେ କେତେଝନ୍ ଓଏସ୍‌ଡି, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଛନ୍ ।

ଓଏସ୍‌ଏସ୍‌ସି          ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ-ଓଏସ୍‌ଏସ୍‌ସି ତର୍‌ଫୁ କରାଯାଉଥିବା ନିଯୁକ୍ତି ପରୀକ୍ଷାକେ ସ୍ୱଚ୍ଛ ଆଉ ନିରପେକ୍ଷ କର୍‌ବାର୍‌କେ ସର୍କାର୍ ପ୍ରତିବଦ୍ଧ ବଲି ଆୟୋଗ୍ ତର୍‌ଫୁ କୁହାଯାଇଛେ । ଆୟୋଗ୍ ତର୍‌ଫୁ କରାଯାଇଥିବା ଏଲ୍.ଆଇ., ଫରେଷ୍ଟର୍, ଫରେଷ୍ଟଗାର୍ଡ଼ ଆର୍ ଆର୍.ଆଇ., ଏ.ଆର୍.ଆଇ. ,

ଅମିନ୍, ଆଇସିଡିଏସ୍ ସୁପର୍‌ଭାଇଜର୍ ଆର୍ ଏସ୍.ଏସ୍. ପରୀକ୍ଷା ବାବ୍‌ଦେ ପ୍ରାର୍ଥୀମାନ୍‌କର୍‌ନୁ ଅଭିଯୋଗ୍ ମିଳିଛେ । ଇ ଅଭିଯୋଗ୍ ଇ ସବୁ ପଦ୍‌ବୀ ଲାଗି ନୀରପେକ୍ଷ ଆଉ ମେଧାଭିତିକ ଚୟନକେ ପ୍ରଭାବିତ କରୁଛେ । ସେଥିର୍‌ଲାଗି ରାଜ୍ୟ ସର୍‌କାର୍ ଇସବୁ ଅଭିଯୋଗ୍ ମାନ୍‌କେ ଉଚ୍ଚସ୍ତରୀୟ ଅଧିକାରୀମାନେ ତର୍ଜମା କରୁଛନ୍ । ଇ ବାବ୍‌ଦେ ସାଧାରଣ ପ୍ରଶାସନ ଆଉ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସ୍ପଷ୍ଟୀକରଣ୍ ଦିଆଯାଇଛେ ।

ୟୁଜିସି ନେଟ୍ - ପରୀକ୍ଷାଫଳ ଆର୍‌ଏନ୍‌ୟୁ / ସମ୍ବଲପୁର

ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ତର୍‌ଫୁ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ -ୟୁଜିସି ନେଟ୍ - ଜୁନ୍ ୨୦୨୪ ପରୀକ୍ଷାଫଲ୍ ବାହାରିଛେ । ସେନ୍ତା ଏନ୍‌ଟିଏ ତର୍‌ଫୁ ବିଷୟଭିତିକ କଟ୍‌ଅଫ୍ ମାର୍କ ଭିଲ୍ ବାହାରିଛେ । ଏନ୍‌ଟିଏ ୱେବ୍‌ସାଇଟ୍ www.ugcnet.nta.ac.in ନୁ ପରୀକ୍ଷାଫଲ୍ ଜାନିପାର୍‌ବେ ।

କାର୍ତ୍ତିକ ବ୍ରତ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍‌ଠାନୁ କାର୍ତିକ ବ୍ରତ ମୁଲ୍ ହେଉଛେ । ସେଆଡ଼େ ଶ୍ରୀମନ୍ଦିର୍ ନ ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ୍ ହେଇଛେ । ଇ ଅବ୍‌ସରେ ମାହାପ୍ରଭୁ ସବୁ ଦିନ ସଖାଲର୍ ସାଢ଼େ ୬ ବଜେନୁ ସାଢ଼େ ୭ ବଜେ ଭିତ୍‌ରେ ରାଇଦାମୋଦର ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ଇଥିର୍‌ଲାଗି ଶ୍ରୀକ୍ଷେତ୍ର ପୁରୀ ନ ହବିଷ୍ୟାଲୀମାନ୍‌କର୍ ଭିଡ଼୍ ହେଇଛେ । ସର୍‌କାର୍‌ଙ୍କର୍ ତର୍‌ଫୁ ହବିଷ୍ୟାଲୀ ଯୋଜ୍‌ନାଥି ଅଢ଼େଇ ହଜାର୍ ବ୍ରତଧାରୀଙ୍କର୍ ଲାଗି ବ୍ୟବସ୍ଥା ହେଇଛେ । ଇଥିର୍‌ଲାଗି ପୁରୀ ନ ୪ଟା ହବିଷ୍ୟାଲୀ କେନ୍ଦ୍ର ଖୁଲାଯାଇଛେ । ବୃନ୍ଦାବତୀ ନିବାସ ଅକ୍ଷୟପାତ୍ର ଫାଉଣ୍ଡେସନ୍, ବଗଲା ଆଉ ମୋଚିସାହି କଲ୍ୟାଣ୍‌ମଣ୍ଡପ୍ ନ ହବିଷ୍ୟାଲୀ ମାନ୍‌କୁ ରଖାଯାଇଛେ ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟଥି ୪ ଟା ସ୍ନାତକୋତର୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ୟୁଜିସିର ଅନୁମତି ମିଲିଛେ । ଇ ଶିକ୍ଷା ବଛର୍ ଲାଗି ଅର୍ଥନୀତି, ଇତିହାସ୍, ସାଧାରଣ ପ୍ରଶାସନ୍ ଆର୍ ରାଜନୈତିକ୍ ବିଜ୍ଞାନ୍ ବିଭାଗ୍‌ର ସ୍ନାତକୋତର ବିଭାଗ୍‌ଥି

ଛାତ୍ରଛାତ୍ରୀମାନ୍‌କର୍ ନାଁ ଲେଖାଯାଇପାର୍‌ବା । ଇଥିର୍‌ଲାଗି ବିଶ୍ୱବିଦ୍ୟାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

କୃଷିମେଳା-ପ୍ରସ୍ତୁତି ବୈଠକ୍          ଆର୍‌ଏନ୍‌ୟୁ / ସମ୍ବଲପୁର

କୃଷି ବିଭାଗ୍ ତର୍‌ଫୁ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି କୃଷି ଉପକରଣ୍ ମେଳା, କୃଷକ୍ ମେଳା, ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା- ୨୦୨୪-୨୫ ଆୟୋଜନ୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସମନ୍ୱିତ ମେଳାର୍ ଲକ୍ଷ୍ୟ ଆର୍ ଉଦ୍ଦେଶ୍ୟ, ଜିଲ୍ଲାସ୍ତରୀୟ ଆଉ ଉପଖଣ୍ଡସ୍ତରୀୟ କମିଟି ଗଠନ୍, ମେଳାର୍ ତାରିଖ୍ ଆଉ ଜାଗା ଆଉ ପାଣ୍ଠି ବାବ୍‌ଦେ ଆଲୋଚନା କରାଯାଇଥିଲା । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ୍ ଯୋଜ୍‌ନାର୍ ଜିଲ୍ଲାସ୍ତରୀୟ ଯାଂଚ୍ ଆଉ ଓଡ଼ିଶାର୍ ଶ୍ରୀଅନ୍ନ ଆଉ କୃଷି ଐତିହ୍ୟ ପାଳନ୍ ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା ।

ଶିଶୁ ପୁଷ୍ଟି, ସ୍ୱାସ୍ଥ୍ୟ- କର୍ମଶାଳା       ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ୍ ଆଉ ଟିପିଡବ୍ଲୁଓଡିଏଲ୍ ମିଶିକରି ଛୁଆମାନ୍‌କର୍ ପୁଷ୍ଟି, ସ୍ୱାସ୍ଥ୍ୟ ଆଉ ଶିକ୍ଷାର ବିକାଶ୍ ବାବ୍‌ଦେ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଇଟାକେ  ଶୁଭାରମ୍ଭ କରିଥିଲେ । ଇଥି ପୁଷ୍ଟିକର ସାହାୟତା ସଚେତନତା ଅଭିଯାନ୍, ସନ୍ତୁଳିତ ଖାଦ୍ୟ ଆଉ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଉପ୍‌ରେ ଆଲୋଚନା କରାଯାଇଥିଲା । ଇ ସମନ୍ୱିତ କାର୍ଯ୍ୟକ୍ରମ୍‌ର ଲକ୍ଷ୍ୟ ହେଉଛେ ଜିଲ୍ଲାର୍ ପିଲାମାନ୍‌କର୍ ଭିତ୍‌ରେ ଥିବା ଅପପୁଷ୍ଟିକେ କମାବାର୍ ।

ଏସ୍.ପି. ପଦୋନ୍ନତି    ଆର୍‌ଏନ୍‌ୟୁ /ସମ୍ବଲପୁର

ଗଲା ଏପ୍ରିଲ୍ ମାସୁ  ଏସ୍.ପି. ପାହ୍ୟାକେ ପଦୋନ୍ନତି ପାଇଥିବା ୬ ଝନ୍ ଓପିଏସ୍ ଅଫିସର୍‌ଙ୍କୁ ନୂଆଁ ଜାଗାକେ ନିଯୁକ୍ତି ଦିଆଯାଇଛେ । ଅଫିସର୍‌ମାନ୍‌କୁ ଆଏବା ୨୧ ତାରିଖ୍‌ତକ୍ ନୂଆଁ ଜାଗା ନ ଯୋଗ୍ ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ସାତକୋଶିଆ ଅଭୟାରଣ୍ୟ-ବାଘ  ଆର୍‌ଏନ୍‌ୟୁ /ସମ୍ବଲପୁର

ସାତକୋଶିଆ ଅଭୟାରଣ୍ୟକେ ଖୋବ୍ ଜଲ୍ଦି ୧୨ ନୁ ୧୬ ଟା ମହାବଲ ବାଘ ଖେପ୍ ଖେପ୍ କରି ଅନାଯିବା । ମହାରାଷ୍ଟ୍ରର୍ ତଡ଼ବା ଜଙ୍ଗଲ୍ ନ ଥିବା ବାଘଙ୍କର୍ ଜିନ୍ ସାଙ୍ଗେ ଓଡ଼ିଶାର୍ ବାଘମାନ୍‌କର୍ ସାମଞ୍ଜସ୍ୟ ରହୁଥିବାର୍‌ନୁ ମହାରାଷ୍ଟ୍ର ଆଉ ମଧ୍ୟପ୍ରଦେଶ୍‌ନୁ ମହାବଲ ବାଘ, ବାଘୁଣୀ ଅନାଯିବା ।